# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**1 August– 2026**

# ବନ୍ୟା-ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ । ମୁଖ୍ୟମନ୍ତ୍ରୀ ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଅଞ୍ଚଳର ସ୍ଥିତି ସମୀକ୍ଷା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାପାଳମାନଙ୍କ ସହିତ ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ମହାନଦୀର ଜଳପତ୍ତନ ସ୍ତର ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ୬୪୭ଟି ରିଲିଫ କେନ୍ଦ୍ରରେ ଲୋକମାନଙ୍କୁ ଉଭୟ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି । କ୍ଷତିଗ୍ରସ୍ତ ଚାଷଜମି ପାଇଁ ଚାଷୀଙ୍କୁ ବନ୍ୟାଜଳ ଛାଡିବାର ୭୨ଘଣ୍ଟା ମଧ୍ୟରେ କ୍ଷୟକ୍ଷତିର ଆକଳନ କରାଯାଇ ଜିଲ୍ଲାପାଳମାନେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସାଂପ୍ରତିକ ବନ୍ୟା ପରିସ୍ଥିତିରେ ଜଳ ପରିଚାଳନା ବ୍ୟବସ୍ଥାର ଏକ ସମୀକ୍ଷା ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜନସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସତର୍କତା ଓ ସମନ୍ୱିତ ବନ୍ୟା ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ହୀରାକୁଦ ଜଳଭଣ୍ଡାର ଓ ଅନ୍ୟ ନଦୀ ଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳ ଓ ବନ୍ଧ ଗୁଡ଼ିକରେ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରିବା ସହ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମହାନଦୀରେ ସାମାନ୍ୟ ଧରଣର ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ସଠିକ୍ ପଦକ୍ଷେପ ନିଆଯାଉଛି । ଆଜି ସକାଳ ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରୁ ୨୨ଟି ଗେଟ୍ ଦେଇ ବନ୍ୟାଜଳ ମହାନଦୀ ଏବଂ କେନାଲକୁ ଛଡାଯାଉଛି ।

ଯାଜପୁର ଜିଲ୍ଲାରେ ୧୩୧ଟି ରିଲିଫ କେନ୍ଦ୍ରରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

## ରାଜ୍ୟପାଳ-ଗୁରୁତ୍ୱାରୋପ

ରାଜ୍ୟରେ ପ୍ରତିରକ୍ଷା ଗବେଷଣା, ନବସୃଜନ ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରସ୍ଥିତ ଲୋକଭବନରେ ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଗୋପାଳପୁରସ୍ଥିତ ଆର୍ମୀ

ଏୟାର ଡିଫେନ୍ସ କଲେଜ ଓ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ଓ ଆବଶ୍ୟକତା ରହିଛି ବୋଲି କହିଛନ୍ତି । ଏଥିସହ ଡିଫେନ୍ସ କଲେଜ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଗୁଡ଼ିକର ସମୀକ୍ଷା କରିଛନ୍ତି ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସ୍‌ଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅସ୍ମିତା ଦେ ଓ ହର୍ଷ ସିଂହ ସ୍ୱର୍ଣ୍ଣପଦକ ଜିତିଛନ୍ତି । ଅସ୍ମିତା ଜୁଡୋ ମହିଳା ୪୮ କିଲୋଗ୍ରାମ ବର୍ଗ ଫାଇନାଲରେ କାନାଡ଼ାର ହେଇଦି କ୍ୱାର୍‌କୁ ପରାସ୍ତ କରିଛନ୍ତି । ସେହିପରି ଜୁଡୋରେ ପୁରୁଷ ୬୦ କେଜି ବର୍ଗରେ ହର୍ଷ ଅଷ୍ଟ୍ରେଲିଆର ଜୁଡୋକା କୋଶଓ୍ୱା କାଜ୍‌ଙ୍କୁ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

## ବିଶ୍ୱ ସ୍ତନ୍ୟପାନ ଦିବସ

ରାଜ୍ୟରେ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ସ୍ତନ୍ୟପାନକୁ ପ୍ରାଥମିକତା ଦେବା ସହିତ ଏ ସମ୍ପର୍କିତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଶିଶୁମାନଙ୍କ ସଠିକ୍ ଶାରିରୀକ ବୃଦ୍ଧି ସହ ବୁଦ୍ଧିମତ୍ତା ବଢ଼ାଇବାରେ ମା’ କ୍ଷୀରର ପ୍ରମୁଖ ଭୂମିକା ରହିଥାଏ। ଜନ୍ମ ହେବାର ୧ ଘଣ୍ଟା ମଧ୍ୟରେ ଶିଶୁକୁ ମା’ କ୍ଷୀର ଦେବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଜନ୍ମରୁ

୬ ମାସ ପର୍ଯ୍ୟନ୍ତ ଜଣେ ଶିଶୁକୁ କେବଳ ମା’କ୍ଷୀର ଏବଂ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ମା’ କ୍ଷୀର ସହ ପରିପୂରକ ଖାଦ୍ୟ ଦିଆଗଲେ ଶିଶୁର ଶାରିରୀକ ଓ ମାନସିକ ଅଭିବୃଦ୍ଧି ଘଟିଥାଏ ।

ଫୁସ୍‌ଫୁସ୍ କ୍ୟାନସର ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଫୁସ୍‌ଫୁସ୍ କ୍ୟାନ୍‌ସର ଦିବସ ମଧ୍ୟ ପାଳନ କରାଯାଉଛି ।

## ସମ୍ବଲପୁରୀ ଦିନ୍

କୋଶଳୀ-ସମ୍ବଲପୁରୀ ଭାଷା ସାହିତ୍ୟର ଅନନ୍ୟ କବି ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ଆଜି  ପାଳନ କରାଯାଉଛି। ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ କବି ଶ୍ରୀ ବହିଦାରଙ୍କ ଅବଦାନ ଅବିସ୍ମରଣୀୟ। ସମ୍ବଲପୁରର କଚେରୀଛକ, ଗଙ୍ଗାଧର ମଣ୍ଡପ ଏବଂ ଅଲଗା ଅଲଗା ସ୍ଥାନ ମାନଙ୍କରେ ସମ୍ବଲପୁରୀ ଦିନ ପାଳନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ସମ୍ବଲପୁର ଦିନ୍ ପାଳନ କରାଯାଉଛି।

## ଇ-ଚାଲାଣ

ରାଜ୍ୟରେ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜିଠାରୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୃତ୍ରିମ ବୁଦ୍ଧିମତା ପରିଚାଳିତ ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ରାଜପଥ ଗୁଡ଼ିକରେ ଟ୍ରାଫିକ ନିରୀକ୍ଷଣ

ବ୍ୟବସ୍ଥା ସହିତ ଟ୍ରାଫିକ ନିୟମ ଉଲ୍ଲଙ୍ଘନ, ଦୁଇଚକିଆ ଯାନରେ ୨ରୁ ଅଧିକ ଯାତ୍ରା, ବିନା ହେଲମେଟ୍‌ରେ ଗାଡ଼ି ଚଲାଇବା ଭଳି ନିୟମ ଉଲ୍ଲଙ୍ଘନ କଲେ ଇ-ଚାଲାଣ ବାବଦରେ ଜୋରିମାନା ଏବଂ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି ।

# ଭିନ୍ନକ୍ଷମଙ୍କୁ ଯାନ ପ୍ରଦାନ

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୮ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ବିଭିନ୍ନ ପ୍ରକାର ସହାୟକ ଯାନ ଓ ଉପକରଣ ପ୍ରଦାନ କରିଛନ୍ତି । ୨ଜଣ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ଙ୍କୁ ଅତ୍ୟାଧୁନିକ ବ୍ୟାଟେରୀ ଚାଳିତ ୩ ଚକିଆ ଯାନ ପ୍ରଦାନ କରାଯାଇଛି ।

# ଖୋଲିବ ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆଜି  ପର୍ଯ୍ୟଟକଙ୍କ ପାଇଁ ଖୋଲିବା ନେଇ ରାଜନଗର ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ପରିବେଶ ଅନୁକୂଳ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରାଯାଇଛି।

# ମାଟ୍ରିକ-ଏନ୍‌ରୋଲମେଣ୍ଟ ଡାଟା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ପକ୍ଷରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମାଟ୍ରିକ-୨୦୨୭ ଦେବାକୁ ଥିବା ଛାତ୍ରଛାତ୍ରୀମାନଙ୍କର ଏନରୋଲମେଣ୍ଟ ଡାଟା ବା ବ୍ୟକ୍ତିଗତ ତଥ୍ୟ

ସଂଶୋଧନ ଅବଧି ଚଳିତମାସ ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗତମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ତଥ୍ୟ ସଂଶୋଧନ ପ୍ରକ୍ରିୟାର ସମୟସୀମା ଗତକାଲି ପର୍ଯ୍ୟନ୍ତ ଥିଲା ।